## ସଂକ୍ଷେପରେ

### ଉପଜିଲାପାଳଙ୍କୁ ଆକ୍ରମଣ ମାମଲା
### ଆଉ ୨ ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ,୧୬।୫:** ଢେଙ୍କାନାଳ ଜିଲା ସଦର ଥାନା ଇନ୍ଦିପୁର ଗୁଣ୍ଡୁରାପଶି ଠାରେ ଗତ ୨ ତାରିଖ ରାତିରେ ଏକ ଖଣିରେ ଚଢ଼ାଉ ବେଳେ ପଥର ମାଫିଆମାନେ ଉପଜିଲାପାଳ, ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କୁ ମରଣାନ୍ତକ ଆକ୍ରମଣ ସହ ଗାଡି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ସୋମବାର ସଦର ଥାନା ପୋଲିସ ଇନ୍ଦିପୁର ଗ୍ରାମର ଆଉ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିଶ୍ୱଜିତ ରାଉତ(୩୨) ଓ ବଳିଆ ଓରଫ୍ ବଳରାମ ଜେନା(୨୮)। ଏଥିପୂର୍ବରୁ ଏହି ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ୨ ଜଣଙ୍କୁ ମିଶାଇ ଉକ୍ତ ଘଟଣାରେ ମୋଟ ଗିରଫଦାରି ସଂଖ୍ୟା ୧୦ରେ ପହଞ୍ଚିଛି। ବିଶ୍ୱଜିତଙ୍କୁ ଅଙ୍କରାନ୍ତିପୁର ଅଞ୍ଚଳରୁ ଧରାଯାଇଥିବାବେଳେ ବଳରାମଙ୍କୁ ବେଣାଳିଆ ଗ୍ରାମରେ ଜେସିବି ଚଳାଉଥିବା ବେଳେ ପୋଲିସ ଗିରଫ କରିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ.୨୧୨।୨୨ରେ ଏକ ମାମଲା ରୁଜୁ କରାଯାଇଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

ଢେଙ୍କାନାଳ ଅଫିସ,୧୬।୫- ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି କୋରାପଦା ଗ୍ରାମର ଏକ ନିଭୃତ ସ୍ଥାନରେ ଜୁଆଖେଳ ଚାଲିଥିବାବେଳେ ସୋମବାର ପୋଲିସ ଚଢ଼ାଉ କରି ୨ ସ୍କୁଟି, ୨ ବାଇକ ସହ ୯ ମୋବାଇଲ ଏବଂ ନଗଦ ୨୪୦୦ ଟଙ୍କା ଜବତ କରିଛି। ଏଥିସହିତ ଜୁଆ ଖେଳ ସାମଗ୍ରୀ ମଧ ଜବତ ହୋଇଛି। ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୋରାପଦା ଗ୍ରାମର ସୁଶାନ୍ତ ନାଏକ, ବାଙ୍କ ଓରଫ ସଦାନନ୍ଦ ନାୟକ, କାଳିଆ ଓରଫ ନିର୍ମଳ ନାୟକ, ତାରିଣୀ ଓରଫ ପ୍ରଶାନ୍ତ ଦେହୁରୀ, ଶଙ୍କର ଓରଫ ଶଙ୍କର୍ଷଣ ପ୍ରଧାନ, ରୁନା ଓରଫ ସୁବାସ କୁମାର ଦାସ, ଓ କାଠଗଡ଼ା ଗ୍ରାମର ରବି ଓରଫ ସନ୍ଦୀପ ସାହୁ। ପୋଲିସ ନଂ. ୨୩୩/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଦୁର୍ଗାପୁରରେ ଚନ୍ଦନ ଯାତ୍ରା

**ଛେଣ୍ଡିପଦା,୧୬।୫(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମରେ ୨ ଦିନଧରି ଚନ୍ଦନ ଯାତ୍ରା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ଡ୍ରାଇଭର ସଂଘ ସହାୟତାରେ ଦୁର୍ଗାପୁରରେ ଥିବା ସମସ୍ତ କ୍ଲବ, ପୂଜା କମିଟି ମେମ୍ବର, ଗ୍ରାମ କମିଟି ସହଯୋଗରେ ଯାତ୍ରା ଧୁମ୍‌ଧାମରେ ପାଳିତ ହୋଇଛି। ଗ୍ରାମ କମିଟି ସଭାପତି ଗୋବିନ୍ଦ ଶତପଥୀ, ସମ୍ପାଦକ ଦୁଃଶାସନ ସାହୁ, ଉପସଭାପତି ଦିଲୀପ ପ୍ରଧାନ, ଲକ୍ଷ୍ମୀପୂଜା କମିଟି ସଭାପତି ଭାଗୀରଥି ସାହୁ, କ୍ଲବ ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ହିମାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।



# ମିଳିମିଶି କାମକଲେ ରୋଗ ରୋକିପାରିବା

**ଢେଙ୍କାନାଳ ଅଫିସ,୧୬।୫**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୋମବାର ଭିଡିଓ କନଫରେନ୍ସିଂ ଜରିଆରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ଅଧକ୍ଷତା କରି କହିଲେ ଯେ, ଢେଙ୍କାନାଳ ଜିଲାରେ ଡେଙ୍ଗୁ ରୋଗ ବହୁ ପରିମାଣରେ କମିଛି। ସମସ୍ତେ ମିଳିମିଶି କାମକଲେ ଏହି ରୋଗକୁ ରୋକାଯାଇପାରିବ। ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଶିଳ୍ପସଂସ୍ଥା, ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟକର୍ମୀ, ବେସରକାରୀ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀମାନେ ଆଗେଇ ଆସି ରୋଗ ଚିହ୍ନଟ, ପ୍ରତିକାର, ଘର ଚାରିପାଖ ସଫାସୁତରା ରଖିବା ଦିଗରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ୨୦୧୩ ବର୍ଷରେ ୪୧୬ ଜଣ, ୨୦୧୪ରେ ୨୭୪ ଜଣ, ୨୦୧୫ରେ ୪୪ଜଣ, ୨୦୧୬ରେ ୧୧୭ଜଣ, ୨୦୧୭ରେ ୫୧, ୨୦୧୮ରେ ୬୧, ୨୦୧୯ରେ ୯୬, ୨୦୨୦ରେ ୬, ୨୦୨୧ରେ ୫୧ ଓ ୨୦୨୨ରେ ବର୍ତ୍ତମାନ ସୁଦ୍ଧା ୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ଏହି ରୋଗରେ କାହାରି ମୃତ୍ୟୁ ହୋଇନାହିଁ। ଜଲା ମୁଖ୍ୟ ଚିକିତ୍ସାଳୟ ତୃତୀୟ ମହଲାର ୯୩ନଂ କୋଠରୀରେ ଏହି ରୋଗର ଚିକିତ୍ସା ବିନା ମୂଲ୍ୟରେ କରାଯାଉଛି ବୋଲି ସୂଚନା ଦିଆଯାଇଥିଲା। ଜିଲା ଭେକ୍ଟର ବାହିତ ପରାମର୍ଶଦାତା ତପନ କୁମାର ସାହୁ ଡେଙ୍ଗୁ ରୋଗର ଲକ୍ଷଣ ଓ ପ୍ରତିକାର ବିଷୟରେ ବିବରଣୀ ରଖିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ପାଣି ରଖିଥିବା ଟାଙ୍କି, କୁଲର ଓ ପାତ୍ରକୁ ୩ଦିନରେ ଥରେ ବଦଳାଇବା ଉଚିତ ବୋଲି କହିଥିଲେ। ଜିଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ୍ ଏହି ରୋଗର ପ୍ରତିଷେଧକ ଟିକା ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ଲାବୋରେଟୋରି ପରୀକ୍ଷକ ଏସ୍ଏସ୍ ରହିମ, ହିସାବ ରକ୍ଷକ ସୁଶାନ୍ତ କୁମାର ଚାନ୍ଦ, ଅମିୟ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଓ ଜିଲାସ୍ତରର ସମସ୍ତ ଅଧିକାରୀ ଓ କର୍ମକର୍ତ୍ତା ଭିଡିଓ କନଫରେନ୍ସରେ ଯୋଗ ଦେଇଥିଲେ।


ଜାତୀୟ ଡେଙ୍ଗୁ ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀମାନେ।

**ଜାତୀୟ ଡେଙ୍ଗୁ ଦିବସ**

# ୯ ଦାବି ମଧ୍ୟରୁ ୭ ପୂରଣ ପ୍ରତିଶ୍ରୁତି

**ଢେଙ୍କାନାଳ ଅଫିସ,୧୬।୫**

ଢେଙ୍କାନାଳ ପୌରପାଳିକାରେ କାର୍ଯ୍ୟରତ ପ୍ରାୟ ୨୦୦ ଏନ୍ଏମ୍ଆର୍ ଓ ଠିକା ସଫେଇ କର୍ମଚାରୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ତେବେ ୯ଟି ଦାବି ମଧ୍ୟରୁ ପୌର କର୍ତ୍ତୃପକ୍ଷ ୭ଟି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଆଉ ୨ଟିକୁ ସରକାରଙ୍କ ନିକଟକୁ ପଠାଯିବ ବୋଲି କୁହାଯାଇଛି।

ପ୍ରକାଶ ଯେ, ଏନ୍ଏମ୍ଆର୍ ଓ ଠିକା ସଫେଇ କର୍ମଚାରୀଙ୍କ ବିଭିନ୍ନ ନ୍ୟାଯ୍ୟ ଓ ଆଇନଗତ ଦାବିକୁ କର୍ତ୍ତୃପକ୍ଷ ଅଣଦେଖା କରୁଥିବାରୁ ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିଲେ। ଏହାର ପ୍ରତିବାଦ ସ୍ୱରୂପ ସଂଘ ନିଷ୍ପତ୍ତି ଅନୁଯାୟୀ ୯ ଦଫା ଦାବିପତ୍ର ପୌରସଂସ୍ଥା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଗତ ୧୪ ତାରିଖରେ ପୌରସଂସ୍ଥା ପକ୍ଷରୁ ସଂଘ କର୍ମକର୍ତ୍ତା ଓ ସଫେଇ କର୍ମଚାରୀମାନଙ୍କୁ ନେଇ ଏକ ବୈଠକ ବସିଥିଲା। ଏଥିରେ ୭ଟି ଦାବି ପୂରଣ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଆଉ ୨ଟି ଦାବି ପୂରଣ ପାଇଁ ସରକାରଙ୍କ ଅନୁମତି ନିମନ୍ତେ ପଠାଇବାକୁ କୁହାଯାଇଥିଲା। ପୂରଣ ହୋଇଥିବା ୭ଟି ଦାବି ମଧ୍ୟରେ ଠିକା କର୍ମଚାରୀମାନଙ୍କୁ ମୁଖ୍ୟତଃ ୩ଖଣ୍ଡ ସାବୁନ, ବାର୍ଷିକ ଏକହଳ ପୋଷାକ, ପିଏଫ୍ ସ୍ଲିପ୍, ଏଏସ୍ଆଇ କାର୍ଡ, ହାଜିରା କାର୍ଡ, ପେ ସ୍ଲିପ ପ୍ରଦାନ, ଠିକା ଶ୍ରମିକଙ୍କ ନିଯୁକ୍ତି ତାରିଖ ଘୋଷଣା, ଏକ ସ୍ଥାୟୀ ଚିତ୍ତବିନୋଦନ କେନ୍ଦ୍ର ନିର୍ମାଣ, ପୂର୍ବରୁ ବେଆଇନ ଭାବେ କାର୍ଯ୍ୟରୁ ଅନ୍ତର କରାଯାଇଥିବା ୧୦ ଶ୍ରମିକଙ୍କ ଶାରୀରିକ ସୁସ୍ଥତାକୁ ଦେଖି ପୁନଃ ନିଯୁକ୍ତି, ଏନ୍ଏମ୍ଆର୍ ବିଷ୍ଣୁ ଜେନାଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଆଦି ରହିଛି। ବୈଠକରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ସମେତ ସରୋଜ ରାଉତ ଓ ବିଭୂତି ସ୍ୱାଇଁ, ସଂଘ ପକ୍ଷରୁ ସଭାପତି ଲକ୍ଷ୍ମୀଧର ସାହୁ, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ପାଣି, ଉପସଭାପତି ସୁରେନ୍ଦ୍ର ସିଂହ, ସମ୍ପାଦକ ବାବୁ ଜେନା, ବାସନ୍ତୀ ନାଏକ, ଗୀତା ନାଏକ, କଳାବତୀ ଜେନା, ସଜନୀ ନାଏକ, କଳ୍ପନା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଲିଖିତ ରାଜିନାମା ସ୍ୱାକ୍ଷରିତ ହେବା ପରେ ସଂଘର ପ୍ରସ୍ତାବିତ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ବୋଲି ଜଣାଯାଇଛି।

# ନାମଯଜ୍ଞରେ କମ୍ପିଲା ବାଘଧରିଆ


ଶକ୍ତି ପୀଠରେ ପୂଜାର୍ଚ୍ଚନା ଚାଲିଛି।

**ସାତମାଇଲ,୧୬।୫(ଡି.ଏନ.ଏ.)**

ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମରେ ମା' ବ୍ରାହ୍ମଣୀ ଦେବୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମ ପରିଚାଳନା କମିଟି ସଭାପତି ପର୍ଶୁରାମ ଗଡ଼ନାୟକ, ସମ୍ପାଦକ ଭଜକିଶୋର ସାହୁ ଓ ବ୍ରାହ୍ମଣୀ ଦେବୀ ଯୁବକ ସଂଘର ତତ୍ତ୍ୱାବଧାନରେ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବାହିରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ପରେ ବ୍ରାହ୍ମଣୀ ଦେବୀଙ୍କ ଶକ୍ତି ପୀଠରେ ପୂଜାର୍ଚ୍ଚନା କରାଯିବା ସହ ଗ୍ରାମବାସୀ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ। ଏହାପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ଭାବେ ପଣ୍ଡିତ ଲିଟୁପାଲ ଶର୍ମା ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ପର୍ଶୁରାମ ଗଡ଼ନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଆଖପାଖ ଅଞ୍ଚଳରୁ ବହୁ ନାମ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହରିହାଟ ବ୍ୟବସ୍ଥାରେ ଶ୍ରଦ୍ଧାଳୁମାନଙ୍କୁ ସାମୂହିକ ଭାବେ ପ୍ରସାଦ ବଣ୍ଟନ କରାଯାଇଥିଲା।

# ସଂଗ୍ରହାଳୟରୁ ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ,୧୬।୫**

ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ସୋମବାରଠାରୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ମହୋତ୍ସବ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୫୦୦ ଦର୍ଶକ ସଂଗ୍ରହାଳୟ ପରିଦର୍ଶନ କରି ଜ୍ଞାନ ଆହରଣ କରିଥିଲେ। ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଅନ୍ତେବାସୀ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ଚନ୍ଦ୍ରଶେଖର ଆଇଟିଆଇର ଛାତ୍ରୀଛାତ୍ରଙ୍କ ସମେତ ଜନସାଧାରଣ ମଧ ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ। ସଂଗ୍ରହାଳୟଗୁଡିକ ହେଉଛି ଶିକ୍ଷାର ଉପାୟ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୩୬ଜଣ ଭାଗ ନେଇଥିଲେ। ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଅନ୍ତେବାସୀଙ୍କ ପାଇଁ ଏକ ବିଶେଷ ବିଜ୍ଞାନ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଉପଲକ୍ଷେ ଚଳିତମାସ ୨୦ ତାରିଖ ପର୍ଯ୍ୟନ୍ତ ବିଜ୍ଞାନ କେନ୍ଦ୍ରରେ ସମସ୍ତ ପରିଦର୍ଶକଙ୍କ ପାଇଁ ପ୍ରବେଶ ନିଃଶୁଳ୍କ ରହିଛି। ମଙ୍ଗଳବାର ଅପରାହ୍ନ ୪ଟାରେ 'ବିଶ୍ୱର ପ୍ରସିଦ୍ଧ ସଂଗ୍ରହାଳୟ ତଥା ପ୍ରଯୁକ୍ତି ବିଦ୍ୟାରେ ଭାରତର ଉପଲବ୍ଧି' ବିଷୟ ଉପରେ ଏକ ଅନ୍‌ଲାଇନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାର ଲିଙ୍କ୍ କେନ୍ଦ୍ରର ଫେସବୁକ୍ ପେଜ୍ ପୋଷ୍ଟ କରାଯିବ। ଏହାର ବିଜେତାଙ୍କୁ ୨୦ ତାରିଖରେ ପୁରସ୍କୃତ କରାଯିବ ବୋଲି କେନ୍ଦ୍ର ପକ୍ଷରୁ ଜିଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ ସୂଚନା ଦେଇଛନ୍ତି।



ଅନାଥାଶ୍ରମ ପିଲାମାନେ ବିଜ୍ଞାନକେନ୍ଦ୍ର ପରିଦର୍ଶନ କରୁଛନ୍ତି।

# ୭ମ ବେତନକୁ ନେଇ ଅସନ୍ତୋଷ



ଢେଙ୍କାନାଳ ଓଷ୍ଟା ସଂଘର ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ,୧୬।୫**

ଢେଙ୍କାନାଳ ଓଷ୍ଟା ସଂଘର ଏକ ଜରୁରିକାଳୀନ ବୈଠକ ସୋମବାର ଅପରାହ୍ନରେ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକ ନିମନ୍ତେ ଗତ ୧୩ ମେ ୨୦୨୨ରେ ସରକାରଙ୍କ ଦ୍ୱାରା ପ୍ରକାଶ ପାଇଥିବା ୭ମ ବେତନର ମୋଡାଲିଟି ଉପରେ ଆଲୋଚନା ହୋଇଥିଲା। କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଥିବା ୭ମ ବେତନ ପ୍ରଦାନ ପଦ୍ଧତିକୁ ଉକ୍ତ ମୋଡାଲିଟି ପୂର୍ଣ୍ଣ ମାତ୍ରାରେ ବିରୋଧାଚରଣ କରୁଥିବାରୁ ଏହାକୁ ନେଇ ଶିକ୍ଷକମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ଏହି ମୋଡାଲିଟିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଅବିକଳ ୭ମ ବେତନ ସହିତ ଚାକିରି ସର୍ତ୍ତାବଳୀ ନ ଦେଲେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ଶିକ୍ଷକ ସଂଘ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଥିଲା। ମଙ୍ଗଳବାର ରାଜ୍ୟ ସରକାର ଓ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ଚୂଡାନ୍ତ ନିଷ୍ପତ୍ତି ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ସୁଫଳ ନ ମିଳିଲେ ଆସନ୍ତା ୧୮ ତାରିଖ ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ସହ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଏହି ବୈଠକରେ ଜିଲା ସଂଘ କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସ, ଜିଲା ସମ୍ପାଦକ ବିଭୂତି ସାମଲ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ରାୟଙ୍କ ସମେତ କୃପାସିନ୍ଧୁ ବେହେରା, ପ୍ରଭାତ କୁମାର ମିଶ୍ର, ଶ୍ରୀପତି ପଟ୍ଟନାୟକ, ଅଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**କଣିହାଁ,୧୬।୫(ଡି.ଏନ.ଏ)**

ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଅନୁଗୋଳ ଜିଲା, ଉପଖଣ୍ଡ ଏବଂ ବ୍ଲକସ୍ତରୀୟ କର୍ମକର୍ତ୍ତା ମଣ୍ଡଳୀ ନିର୍ବାଚନ କଣିହାଁ ବ୍ଲକ କାକୁଡ଼ିଆ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶାର ପ୍ରତିଷ୍ଠାତା ସଭାପତି ପ୍ରଶାନ୍ତ କୁମାର କର, ଯୋଜନା ଓ ସଙ୍ଗଠନ ସମ୍ପାଦକ ପ୍ରମୋଦ ଓଝା, ଅର୍ଥ ସମ୍ପାଦକ ପ୍ରଭୁଦତ୍ତ ପ୍ରସଞ୍ଜିତ୍ କର, ଜିଲା କମିଟି ଉପଦେଷ୍ଟା ଡ. ମହେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପଦପଦବୀ ନିମନ୍ତେ ନିର୍ବାଚନ ହେବାର ଥିଲା। କିନ୍ତୁ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବା ଯୋଗୁ ସଭାପତି କର ନିର୍ଦ୍ୱନ୍ଦ୍ୱରେ ସେମାନଙ୍କ ନାମ ଘୋଷଣା କରି ଦାୟିତ୍ୱ ପ୍ରଦାନ କରିଥିଲେ। ଜିଲାସ୍ତରୀୟ କର୍ମକର୍ତ୍ତା ଭାବେ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପସଭାପତି ସବିତା ସିଂହ, ସମ୍ପାଦକ ବାବୁଲ ପ୍ରଧାନ, ଜିଲା ସଂଯୋଜକ ଦିଲୀପ ସାହୁ, କୋଷାଧ୍ୟକ୍ଷ ମହେଶ୍ୱର ସାମଲ, ଉପଖଣ୍ଡ ଓ ବ୍ଲକ ସଂଯୋଜକ ଭାବେ ରାମଚନ୍ଦ୍ର ସାହୁ, ଅମୂଲ୍ୟ ଚରଣ ନାୟକ, ସରୋଜିନୀ ପ୍ରଧାନ, ରଜତ କୁମାର ସାହୁ, ପ୍ରଦୀପ ସାହୁ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଗ୍ରାମର ବିଶିଷ୍ଟ ବ୍ୟକ୍ତି ଓ ଯୁବଗୋଷ୍ଠୀମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**MILK UNION SAMBALPUR**
**VEHICLE REQUIRED ON HIRE**
1. TATA ACE or similar type of vehicle required on hire for Khuntbandh Milk route running both morning & evening covering 160 K.M
2. TATA ACE or similar type of vehicle required on hire for Sonepur- Birmaharajpur Milk route running both morning & evening covering 154 K.M
Interested Parties may purchase and submit Tenders by 25.05.2022.
Tender Paper Cost- **Rs. 200/- + GST, EMD- Rs. 2,000/-**

# ୯୦ ଶିକ୍ଷୟିତ୍ରୀ ଶିକ୍ଷକ ନେଲେ ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ,୧୬।୫**

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଢେଙ୍କାନାଳ ଜିଲାଶିକ୍ଷା କାର୍ଯ୍ୟାଳୟ ଏବଂ ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ପକ୍ଷରୁ ନେତୃତ୍ୱ ବିକାଶ ଓ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ସମ୍ପର୍କିତ ଦୁଇଟି ପଞ୍ଚ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରଥମ କର୍ମଶାଳାରେ ୧୧ ଗୋଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ୧୦ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକଙ୍କ ସମେତ ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମିଶାଇ ମୋଟ ୫୦ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ। ସେହିପରି ଦ୍ୱିତୀୟ କର୍ମଶାଳାରେ ୧୩ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ୯ ପ୍ରଧାନ ଶିକ୍ଷକଙ୍କ ସମେତ ୩୧ ଜଣ ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମିଶାଇ ମୋଟ ୪୦ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ। ଉଭୟ କର୍ମଶାଳାକୁ ପ୍ରଥମ ଦିବସରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ଉଦ୍‌ଘାଟନ କରି ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ବ୍ରଜନାଥ ବଡଜେନା ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ଗଣିତ ଓ ବିଜ୍ଞାନ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର, ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲର ଗଣିତ ଓ ବିଜ୍ଞାନ ଶିକ୍ଷକ ମୀନକେତନ ପରିଡା, କାଇମାଟି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୋହିତ କୁମାର ରାଉତ, ସପ୍ତଶଯ୍ୟା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ରାଜ୍ୟ ପ୍ରଶିକ୍ଷଣପ୍ରାପ୍ତ ପ୍ରଜ୍ଞା ପାରମିତା ଦାସ, ଜିଲା ପ୍ରୋଗ୍ରାମର ପ୍ରିୟରଞ୍ଜନ ପଟ୍ଟନାୟକ, ସ୍ମାର୍ଟକ୍ଲାସ ଟ୍ରେନର ପାର୍ଥସାରଥି ପଟ୍ଟନାୟକ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଏହାପରେ ସାଥି-ଇ ଟିମ୍‌ଙ୍କ ଉପସ୍ଥିତିରେ ପ୍ରଶିକ୍ଷାର୍ଥୀମାନେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ବୁଲି ଦେଖିଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନେ ବିଜ୍ଞାନ କେନ୍ଦ୍ର ଅଧିକାରୀ ମଥୁରୀ ମୋହନ ରାଉତଙ୍କ ସହ ଆଲୋଚନା କରିଥିଲେ। ପ୍ରତ୍ୟେକ କର୍ମଶାଳାର ଅନ୍ତିମ ଦିବସରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପିରାମିଲ ଫାଉଣ୍ଡେଶନ ସଭ୍ୟା ଦରିଆଲୀ ଗୋସ୍ୱାମୀ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ସଭାପତିତ୍ୱ କରିଥିଲେ। ବ୍ରହ୍ମୋତ୍ରୀ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।


ଡିଜିଟାଲ କୌଶଳ ବ୍ୟବହାର ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

**ଡିଜିଟାଲ କୌଶଳ ବ୍ୟବହାର ସମ୍ପର୍କିତ କର୍ମଶାଳା**



ଧରିତ୍ରୀ DHARITRI
ମଙ୍ଗଳବାର, ୧୭ ମେ, ୨୦୨୨



## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ପରଜଙ୍ଗ,୧୬।୫(ଡି.ଏନ.ଏ): ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବଡ଼ଝରା ଗ୍ରାମର ଢାବା ମାଲିକ ଡିଲେଶ୍ୱର ସାହୁ (୪୨)ଙ୍କୁ ସୋମବାର ପୋଲିସ ଗିରଫ କରିଛି। ଏଥିସହିତ ତାଙ୍କ ଢାବାରୁ ୧୨ ଲିଟର ମଦ ଜବତ କରାଯାଇଛି। ସେ ବେଆଇନ ଭାବେ ଢାବାରେ ମଦ ବିକ୍ରି କରୁଥିବା ଖବରପାଇ ପରଜଙ୍ଗ ଥାନା ଅଧିକାରୀ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଚଢ଼ାଉ କରିଥିଲେ। ଏ ନେଇ ନଂ. ୨୫୨/୨୨ରେ ମାମଲା ରୁଜୁ ହୋଇଛି।

### ୯ ଟନ୍ କୋଇଲା ଜବତ, ଜଣେ ଗିରଫ



ପରଜଙ୍ଗ,୧୬।୫(ଡି.ଏନ.ଏ): ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଅଞ୍ଚଳରୁ ବେଆଇନ ଭାବେ କୋଇଲା ଚାଲାଣ ହେଉଛି। ଦୀର୍ଘଦିନ ହେବ ତାଳଚେର ଅଞ୍ଚଳରୁ ଚୋରା କୋଇଲା ଅଣାଯାଇ ଏଠାରେ ଗଚ୍ଛିତ କରାଯିବା ସହ କାମାକ୍ଷାନଗର, ଭୁବନ, ତେଲକୋଇ ଅଞ୍ଚଳକୁ ଚାଲାଣ କରାଯାଉଥିଲା। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରସାରଣ ପରେ ପରଜଙ୍ଗ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ସରାଙ୍ଗ ଫାଣ୍ଡି ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ଗୋଟିଏ ସ୍ଥାନରେ ୯ ଟନ୍ କୋଇଲା ଜବତ କରିବା ସହିତ ସରାଙ୍ଗ ଗ୍ରାମର ବିପ୍ରଚରଣ ବାଇଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

### ହତ୍ୟା ମାମଲାରେ ବାପପୁଅଙ୍କୁ ୮ ବର୍ଷ ଜେଲ

ଚମ୍ପୁଆ ୧୬।୫(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ସରୋଜ କୁମାର ଦାସ ଏହାର ବିଚାର କରି ଅଭିଯୁକ୍ତ ବାପ ପୁଅଙ୍କୁ ୮ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆଉ ୬ ମାସରେ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୧୫ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରଙ୍କ ରିପୋର୍ଟ ଅନୁଧାନ କରି ଦୋଷୀ ବସନ୍ତ ବେହେରା ଓ ବାଙ୍କା ବେହେରାଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି।ଘଟଣା ଅନୁଯାୟୀ, ୨୦୧୬ ମସିହା ଅକ୍ଟୋବର ମାସରେ ବସନ୍ତ, ବାଙ୍କା ଏବଂ ମୃତକ ଜିମି ସିଂ କାଳୀପୂଜା ଉପଲକ୍ଷେ ତାସ ଖେଳୁଥିଲେ। ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ଦୋଷୀ ବାପପୁଅ କୋଦାଳ ଦ୍ୱାରା ଜିମିଙ୍କ ମୁଣ୍ଡକୁ ଆଘାତ ଦେବା ସଙ୍ଗେ ସଙ୍ଗେ ପଥରରେ ଛେଚି ହତ୍ୟା କରି ମହତାବ ଉଚ୍ଚ ବିଦ୍ୟାଳୟ ପଛ ପଡ଼ିଆରେ ପୋଡ଼ିଦେଇ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ଏ ନେଇ ଚମ୍ପୁଆ ଥାନାରେ ଜିମିଙ୍କ ପିତା ରାମେଶ୍ୱର ଲିଖିତ ଅଭିଯୋଗ ଦେବା ପୋଲିସ ଏକ ମାମଲା (ନଂ.୧୧୧/୨୦୧୬) ରୁଜୁ କରି ତଦନ୍ତ ଚଳାଇଥିଲା। ଉକ୍ତ ମାମଲାକୁ ସରକାରଙ୍କୁ ପକ୍ଷରୁ ବରିଷ୍ଠ ଆଇନଜୀବୀ ମଧୁସୂଦନ ପତି ପରିଚାଳନା କରୁଥିଲେ।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବିଶୋଇ,୧୬।୫(ଡି.ଏନ.ଏ): ମୟୂରଭଞ୍ଜ ଜିଲା ବିଜାତଳାସ୍ଥିତ ୫୦ନଂ. ରାଜ୍ୟ ରାଜପଥରେ ରବିବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶୋଇ ଥାନା ଅଞ୍ଚଳର ମହେଶ୍ୱର ସାହୁ। ସୂଚନା ଅନୁଯାୟୀ, ମହେଶ୍ୱର ଏହି ରାଜ୍ୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ କରୁଥିବା ବିବିସି କମ୍ପାନୀରେ ଡ୍ରାଇଭର ଭାବେ କାମ କରୁଥିଲେ। କାମ ସାରି ସେ ବାଇକ୍‌ରେ ବିଶୋଇ ସ୍ଥିତ ଘରକୁ ଫେରୁଥିବା ବେଳେ ବିଜାତଳା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବିଜାତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ପରେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିଶୋଇ ଥାନାରେ ମାମଲା (ନଂ. ୭୬/୨୨) ରୁଜୁ ହୋଇଛି।

# ମାରିଦେଲେ ସ୍ୱାମୀ, ଶାଶୁଘର ଲୋକେ

■ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ
■୮୦ ହଜାର ଟଙ୍କା ଯୌତୁକ ଦାବି ଥିଲା
■ବାପଘର ପକ୍ଷରୁ ଥାନାରେ ଏତଲା

କଣିହାଁ,୧୬।୫(ଡି.ଏନ.ଏ.)

ବାପଘରୁ ୮୦ ହଜାର ଟଙ୍କା ନ ଆଣିବାରୁ କଣିହାଁ ଥାନା ବଡଗୁଣ୍ଡୁରୀ ଗ୍ରାମର ଦୀପ୍ତି ନାୟକ (୨୫)ଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ମାରିଦେଇଥିବା ଦୀପ୍ତିଙ୍କ ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ଦୀପ୍ତିଙ୍କ ଭାଇ ପଦ୍ମଚରଣ ନାୟକଙ୍କ ଅଭିଯୋଗ ଆଧାରରେ କଣିହାଁ ପୋଲିସ ଦୀପ୍ତିଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ କରିବା ସହ ନଂ. ୨୪/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ପ୍ରତାପ ସାହୁଙ୍କୁ ଅଟକ ରଖି ତଦନ୍ତ କରୁଛି।

ପୋଲିସ କହିଛି, ୭ବର୍ଷ ତଳେ କାକୁଡିଆ ଗ୍ରାମର କ୍ଷେତି ଚରଣ ନାୟକଙ୍କ ଝିଅ ଦୀପ୍ତି ନାୟକ ବଡଗୁଣ୍ଡୁରୀ ଗ୍ରାମର ପ୍ରତାପ ସାହୁଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବାପଘର ପକ୍ଷରୁ ନଗଦ ୧ଲକ୍ଷ ଟଙ୍କା, ୨ଭରି ସୁନା ସହିତ ଅନ୍ୟାନ୍ୟ ଜିନିଷପତ୍ର ଯୌତୁକ ଆକାରରେ ଦିଆଯାଇଥିଲା। ତେବେ ପ୍ରତାପ କିଛିଦିନ ହେବ ଦୀପ୍ତିଙ୍କୁ ଆଉ ୮୦ ହଜାର ଟଙ୍କା ଆଣିବାକୁ କହି ନିର୍ଯାତନା ଦେଉଥିଲେ। ହେଲେ ରବିବାର ରାତିରେ ପ୍ରତାପ ତାଙ୍କ ଶାଳକ ପଦ୍ମଚରଣଙ୍କୁ ଫୋନ କରି ଦୀପ୍ତି ଶୌଚାଳୟରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ଦେଇଥିଲେ। ଏହାପରେ ଦୀପ୍ତିଙ୍କ ପରିବାର ଲୋକେ ବଡଗୁଣ୍ଡୁରୀରେ ପହଞ୍ଚିଥିଲେ। ତେବେ ଘଟଣା ସମ୍ପର୍କରେ ବାପଘର ଲୋକେ ପଚାରିବାରୁ ପ୍ରତାପ ଓ ଅନ୍ୟମାନେ ମିଶି ଆକ୍ରମଣ କରିଥିଲେ। ଏଥିରେ ଦୀପ୍ତିଙ୍କ ବାପା ଗୁରୁତର ହୋଇ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛି।



ଘଟଣାସ୍ଥଳରେ ପୋଲିସ ତଦନ୍ତ ଚଳାଇଛି।

# କରଡ଼ାମଡ଼ାରେ ବୈଶାଖ ପୂର୍ଣ୍ଣିମା ଯାତ୍ରା

ଭାପୁର,୧୬।୫(ଡି.ଏନ.ଏ)

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ପଞ୍ଚାୟତ କରଡ଼ାମଡ଼ା ଗ୍ରାମରେ ସୋମବାର ବୈଶାଖ ପୂର୍ଣ୍ଣିମା ଝାମୁ ଯାତ୍ରା ଅନୁଷ୍ଠିତ ହୋଇଛି। କରୋନା ପାଇଁ ଗତ ଦୁଇ ବର୍ଷ ଧରି ଏହା ବନ୍ଦ ଥିବାରୁ ଚଳିତବର୍ଷ ଯାତ୍ରାରେ ବହୁ ଜନସମାଗମ ହୋଇଥିଲା। ଅପରାହ୍ନରେ ମା' ଦୁଆରସୁଣିଙ୍କ ପୀଠରୁ ପୂଜକ ମା'ଙ୍କୁ ଗ୍ରାମ ପରିକ୍ରମା କରାଇ ଯାତ୍ରା ପଡ଼ିଆରେ ଶ୍ରଦ୍ଧାଳୁଙ୍କୁ ଝାମୁ ଚଳାଇ ଥିଲେ। ସଂଧ୍ୟାରେ ରାମଲୀଳା ପରିବେଷଣ କରାଯାଇଥିଲା। ଉଠା ଦୋକାନୀଙ୍କ ଭିଡ଼ ସାଙ୍ଗକୁ ଆଲୋକମାଳାରେ ଗାଁ ଝଲସି ଉଠୁଥିଲା। ଗ୍ରାମର ସାମାଜିକକର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିବା ଗ୍ରାମ ସଭାପତି ସଞ୍ଜୟ ରଥ ପ୍ରକାଶ କରିଛନ୍ତି।



ଶ୍ରଦ୍ଧାଳୁମାନେ ନିଆଁରେ ଚାଲୁଛନ୍ତି।

# କରଞ୍ଜିଆ ଉପଖଣ୍ଡ: ୨ ଜଣଙ୍କୁ ହତ୍ୟା

ବାରିପଦା ଅଫିସ,୧୬।୫

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ କରଞ୍ଜିଆ ଓ ଯଶିପୁର ଥାନା ଅଞ୍ଚଳରେ ସୋମବାର ପୃଥକ୍ ହତ୍ୟାକାଣ୍ଡ ଘଟିଛି। କରଞ୍ଜିଆ ବାଇପାସ୍ସ୍ଥିତ ମହାବୀର ଛକରେ ଥିବା ଏକ ଘରେ କିଆ ଅଞ୍ଚଳର ଜଗବନ୍ଧୁ ମହାନ୍ତ ନାମକ ବୃଦ୍ଧଙ୍କୁ ହାଣି ହତ୍ୟା କରାଯାଇଛି। ସେହିପରି ଯଶିପୁର ଥାନା ଅଧୀନ କାଶିପାଳ ଗ୍ରାମରେ କ୍ଷତବିକ୍ଷତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରରୁଆଁ ଥାନା ଭୂୟାଁସାହିର ଜିତୁ ନାଏକ। ଉଭୟ ସ୍ଥାନରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ କରଞ୍ଜିଆ ଓ ଯଶିପୁର ଥାନାରେ ପୃଥକ୍ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ଘଟଣାରୁ ପ୍ରକାଶ, ଜଗବନ୍ଧୁ ବିଦ୍ୟୁତ୍ ବିଭାଗରୁ ଅବସର ପରେ କରଞ୍ଜିଆ ମହାବୀର ଛକରେ ଥିବା ନିଜ ଝିଅଘରେ ରହୁଥିଲେ। ଝିଅ ଜ୍ୱାଇଁ ରାଜ୍ୟ ବାହାରେ ଚାକିରି କରୁଥିବା ବେଳେ ଜଗବନ୍ଧୁ ଏକୁଟିଆ ରହୁଥିଲେ। ରବିବାର ରାତିରେ ସେ ଶୋଇଥିବା ଅବସ୍ଥାରେ ତାଙ୍କୁ ହତ୍ୟା କରାଯାଇଥିବା ବେଳେ ଘରର ଆସବାବପତ୍ରକୁ ଏଣେତେଣେ ଫିଙ୍ଗା ହୋଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଥାନାଧିକାରୀ ରଞ୍ଜନ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେହିପରି ଗତ ୧୨ ତାରିଖରେ ଜିତୁ ଏକ ବାହାଘରକୁ ଆସି ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନ ପାଇ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ସୋମବାର କାଶିପାଳ ଗ୍ରାମରେ ତାଙ୍କ କ୍ଷତବିକ୍ଷତ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସବ୍ ଇନ୍ସପେକ୍ଟର ଟି. ଆର୍. ବୋଷ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ୨ ଅପମୃତ୍ୟୁ ମାମଲା

ବାରିପଦା ଅଫିସ,୧୬।୫

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଓ ବେତନଟୀ ଥାନାରେ ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।। ଟାଉନଥାନା ଅଧୀନ ୱାର୍ଡ ନଂ ୧୭ ବିଜୟରାମଚନ୍ଦ୍ରପୁର ଅଞ୍ଚଳରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି । ମୃତା ଯୁବତୀ ହେଲେ କରିନା ନାୟକ। କୌଣସି କାରଣକୁ ନେଇ ଯୁବତୀ ଜଣକ ଅପରାହ୍ନରେ ଘରେ ଥିବା ଫ୍ୟାନରେ ବେକରେ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୩/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ବେତନଟୀ ଥାନା ବଡ଼ଜାମବଣୀ ଫାଣ୍ଡି ଅଧୀନ ସାନଜାମବଣୀ ଗ୍ରାମର ଜଣେ ମହିଳା ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ପଦ୍ମାବତୀ ମହାନ୍ତ। ରବିବାର ସେ ବିଲକୁ ଧାନ ବିଡା ବାନ୍ଧିବାକୁ ଯାଇଥିବା ବେଳେ ଏକ ନାଗସାପ ତାଙ୍କ ଗୋଡକୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଟ୍ରକ୍‌ରୁ ଡକାୟତି ଉଦ୍ୟମ, ୬ ଗିରଫ



ଗିରଫ ଅଭିଯୁକ୍ତମାନେ।

ଯୋଡ଼ା,୧୬।୫ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ୫୨୦ ନମ୍ବର ଜାତୀୟ ରାଜପଥର ଲହଣ୍ଡା ଓଜନ କଣ୍ଟା ଠାରେ ଗତ ଶନିବାର ଟ୍ରକ୍‌ରୁ ଡକାୟତି ଉଦ୍ୟମ କରିବାରୁ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ବିଲର ସନ୍ଦିପ ସିଂ, ବିଶାଲ ମୁଣ୍ଡା, ଯୋଡ଼ାର ଅନିଲ ଲୋହାର, ମୁନା ଓରାମ, ଶିବ ପିଙ୍ଗୁଆ ଏବଂ ବାସୁଦେବ ପାତ୍ର । ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ ପିସ୍ତଲ, ଗୋଟିଏ ଖଣ୍ଡା, ଛୁରି, ତିନି ମୋବାଇଲ ସହ ଦୁଇ ବାଇକ୍ ଜବତ କରିଛି। ପୋଲିସର ସୂଚନା ଅନୁଯାୟୀ, ଉକ୍ତ ଜାତୀୟ ରାଜପଥ ଦେଇ ଯାତାୟାତ କରୁଥିବା ଖଣିଜ ବୋଝେଇ ଟ୍ରକ୍ ଗୁଡିକ ଲହଣ୍ଡା ଠାରେ ସରକାରୀ ଓଜନ କଣ୍ଟାରେ ଲମ୍ବା ଲାଇନ ଲଗାଇ ଓଜନ କରୁଥିବା ସମୟରେ ଅଭିଯୁକ୍ତମାନେ ସେଠାରେ ଏକ ବଡ ଧରଣର ଡକାୟତି ଯୋଜନା କରିଥିଲେ। ଟ୍ରକ୍ ଡ୍ରାଇଭରଙ୍କୁ ପିସ୍ତଲ ଓ ମାରଣାସ୍ତ୍ର ଦେଖାଇ ଡକାୟତି ଉଦ୍ୟମ କରୁଥିବାବେଳେ ପୋଲିସ ଖବର ପାଇ ସେଠାରେ ଚଢାଉ କରିଥିଲା । ଏହି ଚଢାଉ ଫଳରେ ଡକାୟତି ଉଦ୍ୟମ ପଣ୍ଡ ହୋଇଥିବା ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଏନେଇ ପୋଲିସ ଏକ ଡକାୟତି ମାମଲା (ନଂ ୮୩/୨୦୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ବାହାନଗାରେ ଚନ୍ଦନ ଯାତ୍ରା



ପାଇକାସ୍ତା ଚନ୍ଦନ ଯାତ୍ରା ଉତ୍ସବରେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାହାନଗା,୧୬।୫(ଡି.ଏନ.ଏ.)

ବାହାନଗା ବ୍ଲକର ଅଭଣା, କଲ୍ୟାଣୀ, ଥାଲସଡ଼ା ଆଦି ବିଭିନ୍ନ ସ୍ଥାନ ସହିତ ଗୋପାଳପୁର ପଞ୍ଚାୟତର ପାଇକାସ୍ତା ଗ୍ରାମ ଦେଉଳା ପୋଖରୀରେ ମହାପ୍ରଭୁ ଜଳହରୀଙ୍କ ପ୍ରସିଦ୍ଧ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଇକାସ୍ତା ଗ୍ରାମରେ ରବିବାର ଅପରାହ୍ନରେ ଠାକୁରଙ୍କ ଶୋଭାଯାତ୍ରା ସହିତ ରାତିରେ ନୌବିହାର ଓ ନାବକେଳି ଅନୁଷ୍ଠିତ ହୋଇଥିଲା। ଯାତ୍ରା ଉତ୍ସବକୁ ସୋର ବିଧାୟକ ପର୍ଶୁରାମ ଧଡ଼ା ଉଦ୍‌ଘାଟନ କରିଥିଲେ। ପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜେନ୍ଦ୍ର ସାହୁ ପୌରହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର,୧୮ନଂ. ଜୋନ ଜିଲାପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ,ଶିରିଶ୍ ଚନ୍ଦ୍ର ଦାଶ,ବେଣୁଧର ଜେନା, ବ୍ଲକ ବିଜେଡି ସଭାପତି ଅଜୟ କୁମାର ପଣ୍ଡା, ସବିତା ଅଗସ୍ତି,ସମିତି ସଭ୍ୟ ଯୋଗେଶ ଚନ୍ଦ୍ର ପିତି ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନଙ୍କ ଦ୍ୱାରା ଶିକ୍ଷାବିତ ରବୀନ୍ଦ୍ର କୁମାର ମିଶ୍ର, ସାମାଜିକ କର୍ମୀ ସୁଦର୍ଶନ ମହାପାତ୍ର, ଶାଳଗାଁର ସଫଳ କୃଷକ ରବି ନାରାୟଣ ଦାସ ,କଳାକାର ରମେଶ ଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଖ୍ୟାତନାମା କଳାକାର ମାନଙ୍କ ଦ୍ୱାରା ନୃତ୍ୟ ଅନୁଷ୍ଠିତ ହୋଇଥିଲା।

# ମୌଳିନ୍ଦୁ ମହାନ୍ତ ହେଲେ ଜାତୀୟ ଟାଏକୋଣ୍ଡୋ ରେଫରି

କେନ୍ଦୁଝର, ୧୬।୫ (ସ୍ୱ.ପ୍ର.)

ମଧ୍ୟପ୍ରଦେଶର ଉଜ୍ଜୈନଠାରେ ମେ' ୧୩ ରୁ ୧୬ ପର୍ଯ୍ୟନ୍ତ ଚାଲୁଥିବା ୧୩ତମ ଜାତୀୟ ଓପନ କ୍ୟୋରୁଗୀ ଓ ପୁମସେ ପ୍ରତିଯୋଗିତାରେ ଓଡିଶା ଟାଏକୋଣ୍ଡୋ ଆସୋସିଏଶନ୍‌ର ଜାତୀୟ ରେଫରୀ ମୌଳିନ୍ଦୁ କୁମାର ମହାନ୍ତ ଏକମାତ୍ର ରେଫରୀ ଭାବେ ଓଡିଶାରୁ ଜାତୀୟ ଟାଏକୋଣ୍ଡୋ ସଂଘ ଦ୍ୱାରା ମନୋନୀତ ହୋଇଛନ୍ତି। କୋଭିଡ ୧୯ର ଦୀର୍ଘ ଦୁଇବର୍ଷର ଅପେକ୍ଷା ପରେ ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ଏବଂ ଓଡିଶାରୁ ଜଣେ ମାତ୍ର ମନୋନୀତ ହୋଇଥିବାରୁ ଏହା ଏକ ଗୌରବର ବିଷୟ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଆକ୍ରମଣ

ଆନନ୍ଦପୁର, ୧୬।୫(ସ୍ୱ.ପ୍ର.):

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୮ ନଂ ୱାର୍ଡରେ ଥିବା ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଜୟନ୍ତ କୁମାର ଦାଶଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ମାଡ ମାରିବା ଏବଂ ଷ୍ଟାଫ୍ ନର୍ସଙ୍କୁ ଗାଳି ଗୁଲଜ କରାଯିବା ଭଳି ଘଟଣାକୁ ନେଇ ଆନନ୍ଦପୁର ଥାନାରେ ରବିବାର ଲିଖିତ ଅଭିଯୋଗ ହୋଇଛି। ଏନେଇ ଡାକ୍ତରଙ୍କ ଅଭିଯୋଗକ୍ରମରେ ଆନନ୍ଦପୁର ଥାନାରେ ଏକ ମାମଲା (ନଂ ୧୧୭/୨୦୨୨) ରୁଜୁ କରାଯାଇଛି। ଏଭଳି ଘଟଣାକୁ ନେଇ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ନିଜେ ଡାକ୍ତର ଜୟନ୍ତ କୁମାର ଦାଶ ନିଜକୁ ଅସୁରକ୍ଷିତ ବୋଲି ମନେ କରୁଥିବା ପ୍ରକାଶ କରିଛନ୍ତି। ଡାକ୍ତରଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖ ସକାଳ ୧୧ଟା ୩୦ରେ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ସମ୍ପର୍କିତ କିଛି ଆଲୋଚନା ପାଇଁ ଫକୀରପୁରସ୍ଥିତ ଆନନ୍ଦପୁର ବିଧାୟକଙ୍କ ବାସଭବନକୁ ଡାକ୍ତର ଜୟନ୍ତ କୁମାର ଦାଶ ଏବଂ କର୍ମଚାରୀ ଓ ଷ୍ଟାଫନର୍ସଙ୍କ ସହିତ ସରକାରୀ ଗାଡିରେ ଆସିଥିଲେ।

# ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ, ଜଣେ ଗିରଫ

ବଡ଼ବିଲ, ୧୬।୫(ସ୍ୱ.ପ୍ର.):

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ କାରାଖେଣ୍ଡରା ନିକଟରେ ଏକ ବୋଲେରୋକୁ ଅଟକାଇ କାରାଖେଣ୍ଡରା ଷ୍ଟିଲ ପ୍ଲାଣ୍ଟର ଅଧିକାରୀ ସୁମିତ ଚାନ୍ଦଙ୍କୁ ଆକ୍ରମଣ କରି ଲୁଟ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କାରାଖେଣ୍ଡରା ଗ୍ରାମର କୀର୍ତ୍ତନ ମହାକୁଡ। ସୂଚନା ଅନୁଯାୟୀ, ଗତ ସୋମବାର ପୂର୍ବାହ୍ନ ପ୍ରାୟ ୯ ଟା ବେଳେ କାରାଖେଣ୍ଡରା ପ୍ଲାଣ୍ଟର ଅଧିକାରୀ ସୁମିତ କାରାକୋହ୍ଲ ଆଡକୁ କାମ୍ପାନୀ ବୋଲେରୋ ଯୋଗେ ଆସୁଥିଲାବେଳେ ହଠାତ୍ ୪ ଦୁର୍ବୃତ୍ତ ବୋଲେରୋକୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ଗାଡିରେ ବସିଥିବା ସୁମିତଙ୍କୁ ଲୁହା ରଡ ଓ ଲାଠି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରି ସୁନା ଚେନକୁ ଛିଣ୍ଡାଇ ନେବା ସହ ମନି ପର୍ସ ଛଡାଇନେଇଥିଲେ। ଆକ୍ରମଣରେ ସୁମିତଙ୍କ ମୁଣ୍ଡ ଫାଟିଯିବା ସହ ଗୋଟିଏ ହାତ ଭାଙ୍ଗିଯାଇଥିଲା।

# ପରିତ୍ୟକ୍ତ ଘର ଭିତରକୁ ମାଡ଼ିଗଲା ସ୍କର୍ପିଓ

ଭଣ୍ଡାରିପୋଖରୀ, ୧୬।୫

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଛକଠାରେ ସୋମବାର ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏକ ସ୍କର୍ପିଓ ପରିତ୍ୟକ୍ତ ଘର ଭିତରକୁ ମାଡ଼ି ଯାଇଥିଲା। ସୂଚନା ଅନୁଯାୟୀ, ବ୍ଲକ ଅଧୀନ କୋଟସିରା ଗ୍ରାମର ୩/୪ ଯୁବକ ସ୍କର୍ପିଓରେ ଛତାବର ପଟୁ ଦ୍ରୁତଗତିରେ ଆସୁଥିଲେ। ଜାତୀୟ ରାଜପଥର ତହସିଲ ଛକ ନିକଟରେ ଗାଡ଼ିଟି ଦିଗ ପରିବର୍ତ୍ତନ କରି ଭଣ୍ଡାରିପୋଖରୀ ବଜାର ମଧ୍ୟକୁ ପ୍ରବେଶ କରିଥିଲା। ଏହା ବ୍ଲକ ଛକ ନିକଟରେ ଏକ ହମ୍ପସକୁ ଅତିକ୍ରମ କରି ପାଖରେ ଥିବା ଉକ୍ତ ପରିତ୍ୟକ୍ତ ଗୃହ ଭିତରକୁ ପଶି ଯାଇଥିଲା। ଗାଡ଼ିରେ ଥିବା ଯୁବକମାନେ ଆହତ ହୋଇଥିବା ବେଳେ ରାସ୍ତାପାର୍ଶ୍ୱରେ ଥିବା କେତେଜଣ ପ୍ରତ୍ୟେକ୍ଷଦର୍ଶୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଚାଳକଙ୍କ ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଖବର ପାଇ ଭଣ୍ଡାରିପୋଖରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାକୁ ପଠାଇବା ସହ ଗାଡ଼ିକୁ ଜବତ କରିଛି।



# 'ଟଙ୍କିକିଆ ମୁଦ୍ରା ଅଚଳ ଏକ ଗୁଜବ'

ବାଲିଆପାଳ,୧୬।୫(ସ୍ୱ.ପ୍ର)

**ମୁଦ୍ରା ମେଳା, ସଚେତନତା କାର୍ଯ୍ୟକ୍ରମ**

ବାଲିଆପାଳ ପଞ୍ଚାୟତ ସଭାଗୃହ ପରିସରରେ ମୁଦ୍ରା ମେଳା ଓ ପଚାଶ ପଇସା, ଟଙ୍କିକିଆ ଓ ଦୁଇଟଙ୍କିଆ ମୁଦ୍ରା ପ୍ରଚଳନର ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରିଙ୍କ ପ୍ରଚେଷ୍ଟା ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ଅନୁମୋଦନ କ୍ରମେ ବାଲିଆପାଳ ୟୁକୋ ବ୍ୟାଙ୍କ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବାଲେଶ୍ୱର ଜୋନାଲ ମୁଖ୍ୟ ଅଧିକାରୀ ପି.କେ. ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏଜିଏମ୍ ଆଲୋକ ରଞ୍ଜନ ରଣରାହୋ ଯୋଗଦେଇ ପଚାଶ ପଇସା, ଟଙ୍କିକିଆ ଓ ଦୁଇଟଙ୍କିଆ ମୁଦ୍ରାର ପ୍ରଚଳନ ଆରବିଆଇ ପକ୍ଷରୁ ବନ୍ଦ କରାଯାଇ ନାହିଁ। ଏହା ଏକ ମିଥ୍ୟା ଗୁଜବ। ଗ୍ରାହକଙ୍କ ପାଖରୁ ବ୍ୟାଙ୍କ ଏହି ମୁଦ୍ରା ନେବ ଏବଂ ବ୍ୟାଙ୍କ ମଧ୍ୟ ଗ୍ରାହକଙ୍କୁ ଉକ୍ତ ଟଙ୍କା ଦେଇ ପାରିବେ। ତା' ସହିତ ଚିରାଫଟା ଏବଂ ମଇଳା ହୋଇଯାଇଥିବା ନୋଟ୍‌କୁ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶନାମା ଆଧାରରେ ବ୍ୟାଙ୍କ ଓ ମୁଦ୍ରା ମେଳାରେ ବିନିମୟ କରାଯାଇ ପାରିବ। ଏଦିଗରେ ଯଦି ବ୍ୟାଙ୍କଗୁଡ଼ିକ ଲୋକଙ୍କୁ ହଇରାଣ କରନ୍ତି ତେବେ ସମ୍ପୃକ୍ତ ବ୍ୟାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରିଜର୍ଭ ବ୍ୟାଙ୍କର ଏଜିଏମ୍ କହିଥିଲେ। ବାଲିଆପାଳ ୟୁକୋ ବ୍ୟାଙ୍କ ଶାଖା ପ୍ରବନ୍ଧକ ସୌମ୍ୟ ରଞ୍ଜନ ମିଶ୍ର, ଏଫଏଲ୍‌ସି ଯୋଗେଶ୍ୱର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକମାନଙ୍କୁ ସଚେତନ କରିଥିଲେ। ଉକ୍ତ ମେଳାରେ ବାଲିଆପାଳ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିବା ବେଳେ ସାଧାରଣ ବର୍ଗଲୋକ, ବେପାରୀଙ୍କ ଉପସ୍ଥିତି ଦେଖିବାକୁ ମିଳି ନ ଥିଲା।

# ଭଡ଼ାଘରୁ ମିଳିଲା ଯୁବତୀଙ୍କ ଝୁଲନ୍ତା ମୃତଦେହ

ଚାନ୍ଦବାଲି, ୧୬।୫ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ଯଶିପୁର ଗ୍ରାମର ଏକ ଭଡ଼ାଘରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବତୀ ତିହିଡ଼ି ବ୍ଲକ ପୀରହାଟ ଥାନା ଅନ୍ତର୍ଗତ ପୀରହାଟ ଗ୍ରାମର ଅର୍ଚ୍ଚନା ପାଣିଗ୍ରାହୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅର୍ଚ୍ଚନା ଯଶିପୁର କୁଦ ପୋଷ୍ଟ ଅଫିସରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ଭଡ଼ାଘରେ ନିଜ ଓଢ଼ଣୀରେ ଫ୍ୟାନରେ ଝୁଲୁଥିବାର ଦେଖିବାକୁ ମିଳିଥିଲା। ଖବରପାଇ ବାଂଶଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତେବେ ଯୁବତୀଙ୍କ ଗୋଡ଼ ତଳେ ଲାଗିଥିବାରୁ ସନ୍ଦେହ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ୨ ମୃତ

ଅନୁଗୋଳ ଅଫିସ/ ବଇଣ୍ଡା,୧୬।୫ (ଡି.ଏନ.ଏ.): ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଟିକରପଡାର ପର୍ଯ୍ୟଟନ କ୍ୟାମ୍ପରେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଟିକରପଡ଼ାର ଅରୁଣ ବେହେରାଙ୍କ ପୁଅ ଅଶୋକ ବେହେରାଙ୍କୁ ଶନିବାର ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତୁରନ୍ତ ଡାକ୍ତରଖାନା ନ ଆଣି ଝଡ଼ାଫୁଙ୍କା କରିଥିଲେ। ରବିବାର ସନ୍ଧ୍ୟାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକଙ୍କ ମୃତ୍ୟୁ ହୋଇଥିଲା। ସୋମବାର ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ଆଠମଲ୍ଲିକ ଥାନା କୁଟେଶ୍ୱର ଗ୍ରାମର ଶିଶିର ଦେହୁରୀ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ରବିବାର ରାତିରେ ଘରେ ଶୋଇଥିବାବେଳେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଚୋରା ଡିଜେଲ ଜବତ, ୨ ଗିରଫ

ବଇଣ୍ଡା,୧୬।୫(ଡି.ଏନ.ଏ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ନୂଆଁଭୂଇଁ ନିକଟରେ ରବିବାର ରାତିରେ ହଣ୍ଡପା ପୋଲିସ ଚଢ଼ାଉ କରି ୫୫ ଲିଟର ଚୋରା ଡିଜେଲ ସହ ଏକ ବାଇକ୍ ଜବତ କରିଛି। ଏହି ଘଟଣାରେ ହଣ୍ଡପା ଥାନା ବଡଡଙ୍ଗିଆଣୀ ଗ୍ରାମର ସୁମନ୍ତ ବେହେରା ଓ ନାକିଚି ଅଞ୍ଚଳର ଧୀରେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ନୂଆଁଭୂଇଁ ନିକଟରେ ଧୀରେନ୍ଦ୍ର ଦୋକାନ ଦେଇଥିବା ବେଳେ ବିଭିନ୍ନ ଗାଡ଼ିରୁ ବିଳମ୍ବିତ ରାତିରେ ଡିଜେଲ ଚୋରି କରି ବ୍ୟବସାୟ କରୁଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଖବରପାଇ ହଣ୍ଡପା ସେକେଣ୍ଡ ଅଫିସର ସ୍ମୃତିରଞ୍ଜନ ନାୟକ, ଏଏସଆଇ ଚିତ୍ତରଞ୍ଜନ ନାୟକ ଚଢ଼ାଉ କରି ୫୫ ଲିଟର ଚୋରା ଡିଜେଲ ଜବତ କରିବା ସହ ଏକ ବାଇକ୍ ଜବତ କରିଛନ୍ତି। ଏ ନେଇ ନମ୍ବର ୧୨୩ / ୨୨ରେ ଏକ ମାମଲା ରୁଜୁ ହୋଇଛି।

### ଶାଳ କାଠ ଜବତ, ଜଣେ ଗିରଫ




ବଇଣ୍ଡା,୧୬।୫ (ଡି.ଏନ.ଏ)- ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ଜଙ୍ଗଲରେ ସୋମବାର ବନ ବିଭାଗ ଚଢ଼ାଉ କରି ଚୋରାରେ ଚାଲାଣ ହେଉଥିବା ଶାଳ କାଠ ଜବତ କରିଛି। ଏହି ଘଟଣାରେ କାଠ ବ୍ୟବସାୟୀ ପୁରୁଣାପାଣି ଗ୍ରାମର ରବୀନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ବନବିଭାଗ ପକ୍ଷରୁ ଜଣାପଡିଛି, ରବୀନ୍ଦ୍ର ଧଣ୍ଡାତୋପା ଜଙ୍ଗଲରୁ ବେଆଇନ ଭାବେ ୨୫ଟି ଶାଗୁଆନ କାଠ କାଟି ବାହାରକୁ ଚାଲାଣ କରୁଥିଲେ। ଖବରପାଇ ଫରେଷ୍ଟର ସୁବ୍ରତ ଶତପଥୀ, ରାଜେଶ ମହାକୁଡ, ପ୍ରବୀଣ ପ୍ରଧାନ, ଅଖଣ୍ଡ ଭୋଇ ପ୍ରମୁଖ ଚଢ଼ାଉ କରିଥିଲେ।

# ୫ ବର୍ଷ ହେଲା ନିଦରେ ପ୍ରଶାସନ




■ପୁରୁଣାମାଣତ୍ରୀ ଉ.ପ୍ରା. ବିଦ୍ୟାଳୟ ପ୍ରତି ଚରମ ଅବହେଳା
■୨ ଶ୍ରେଣୀ ଗୃହରେ ପଢ଼ୁଛନ୍ତି ପ୍ରଥମରୁ ଅଷ୍ଟମ ପିଲାଁ
■ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ୩ କୋଠରି ଅବ୍ୟବହୃତ

ଆଠମଲ୍ଲିକ,୧୬।୫(ଡି.ଏନ.ଏ.) ଶିକ୍ଷାନୁଷ୍ଠାନ ଭିତ୍ତିଭୂମି ଦୁର୍ବଳ ହୋଇପଡ଼ିଛି। ୫ଟି ଶ୍ରେଣୀଗୃହ ମଧ୍ୟରୁ ୩ଟି କୋଠରି ଚଟାଣ ଦବି ଗଲାଣି। ଛାତରୁ ଖଣ୍ଡ ଖଣ୍ଡ ପଲସ୍ତରା ଖସିଲାଣି। ଏପରି ଅବସ୍ଥାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମାତ୍ର ୨ଟି କୋଠରିରେ ବସାଯାଉଛି। ଫଳରେ ଶିକ୍ଷାଦାନ ଠିକ୍‌ରେ ହୋଇପାରୁ ନାହିଁ। ତେଣୁ ପୁରୁଣାମାଣତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂଆ କୋଠା ନିର୍ମାଣ କରାଯାଉ ବୋଲି ଦୀର୍ଘ ୫ ବର୍ଷ ହେଲା ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦାବି କରାଯାଉଛି। ଏ ନେଇ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାର, ସମ୍ବଲପୁର ଏମ୍‌ପି, ବିଧାୟକଙ୍କୁ ବାରମ୍ବାର ଦାବିପତ୍ର ଦିଆଯାଇଛି। ହେଲେ ପ୍ରଶାସନର ନିଦ ଏଯାଏ ଭାଙ୍ଗି ନ ଥିବାରୁ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରାଯାଇଛି।

ଆଠମଲ୍ଲିକ ଉପଖଣ୍ଡ ସଦର ମହକୁମାଠାରୁ ମାତ୍ର ୭ କିଲୋମିଟର ଦୂରରେ ରହିଛି ପୁରୁଣାମାଣତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ୧୯୩୪ ମସିହାରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୫ ଛାତ୍ରୀଛାତ୍ର ବର୍ତ୍ତମାନ ଅଧ୍ୟୟନ କରୁଛନ୍ତି। ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲରେ ନିଯୁକ୍ତି ପାଇଛନ୍ତି। କିନ୍ତୁ ୫ଟି କୋଠରି ମଧ୍ୟରୁ ୩ଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ୨ଟି ଶ୍ରେଣୀଗୃହରେ ୮ଟି ଶ୍ରେଣୀର ପିଲାଙ୍କୁ ପଢ଼ାଯାଉଛି। ଏପରି ଅବ୍ୟବସ୍ଥାର ପ୍ରତିକାର ନିମନ୍ତେ ୨୮ ଅକ୍ଟୋବର ୨୦୧୭ରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ୬ ଜୁଲାଇ ୨୦୧୯ରେ ଆଠମଲ୍ଲିକ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ୨୫ ନଭେମ୍ବର ୨୦୧୯ରେ ସମ୍ବଲପୁର ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ସ୍କୁଲର ସମସ୍ୟା ନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ତରଫରୁ ବ୍ଲକ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକ୍ଷକଙ୍କ ନିକଟକୁ ୨ ଥର ଚିଠି କରାଯାଇଥିଲା। ତଥାପି ଛାତ୍ରୀଛାତ୍ରମାନଙ୍କ ଶ୍ରେଣୀଗୃହ ସମସ୍ୟାର ସମାଧାନ ହୋଇପାରି ନାହିଁ। ରାଜ୍ୟ ସରକାର ବିଦ୍ୟାଳୟ ଭିତ୍ତିଭୂମିକୁ ଉନ୍ନତ କରିବା ଦିଗରେ ନାନା ପଦକ୍ଷେପ ନେଉଥିବା ବେଳେ ପୁରୁଣାମାଣତ୍ରୀ ସ୍କୁଲ ପ୍ରତି ୫ ବର୍ଷ ହେଲା ଚରମ ଅବହେଳା ପ୍ରଦର୍ଶନ କରାଯାଉଥିବାରୁ ଅଭିଭାବକ ଓ ଗ୍ରାମବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ କହିଛନ୍ତି, ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ।

#### ଅର୍ଥ ବ୍ୟବସ୍ଥା କରାଯିବ



"ବିପଦସଙ୍କୁଳ ଅବସ୍ଥାରେ ଥିବା ପୁରୁଣାମାଣତ୍ରୀ ସ୍କୁଲ ସମ୍ପର୍କରେ ଅବଗତ ଅଛି। ଚଳିତ ଆର୍ଥିକ ବର୍ଷରେ ନୂତନ ଗୃହ ନିର୍ମାଣ ଦିଗରେ ଅର୍ଥ ବ୍ୟବସ୍ଥା କରାଯିବ।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

#### ନୂଆ କୋଠା ଅପରିହାର୍ଯ୍ୟ



"ଆବଶ୍ୟକ ଶ୍ରେଣୀଗୃହ ଅଭାବରୁ ଛାତ୍ରୀଛାତ୍ରମାନଙ୍କୁ ୨ଟି କୋଠରିରେ ବସାଯାଉଛି। ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ଅପରିହାର୍ଯ୍ୟ ହୋଇପଡିଛି।

-ସଦାଶିବ ଦଳବେହେରା, ପ୍ରଧାନ ଶିକ୍ଷକ

#### ବାରମ୍ବାର ଅବଗତ କରାଯାଇଛି



"ବିଦ୍ୟାଳୟ ସମସ୍ୟାର ସମାଧାନ ପାଇଁ ପୂର୍ବ ପରିଚାଳନା କମିଟି କର୍ମକର୍ତ୍ତା ଓ ନୂତନ କମିଟି ତରଫରୁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯାଇଛି। ହେଲେ ନୂଆ ଗୃହ ନିର୍ମାଣ ନ ହେବା ପରିତାପର ବିଷୟ।

-ସୁଶାନ୍ତ କୁମାର ଦେହୁରୀ, ସଭାପତି, ସ୍କୁଲ ପରିଚାଳନା କମିଟି

#### ସରକାର ଯତ୍ନବାନ ହୁଅନ୍ତୁ



"ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍କୁଲ ଭିତ୍ତିଭୂମି ଉନ୍ନତୀକରଣ ଦିଗରେ ସରକାର ଯତ୍ନବାନ ହେବା ଦରକାର। ଅତିଶୀଘ୍ର ଏ ନେଇ ଅର୍ଥ ମଞ୍ଜୁର କରାଗଲେ ସମାଧାନ ସମ୍ଭବ।

-ଉଦିତ କୁମାର ପ୍ରଧାନ, ଗ୍ରାମବାସୀ

#### ନିର୍ମାଣ ଦାୟିତ୍ୱ ବ୍ଲକ ପ୍ରଶାସନର



"ସ୍କୁଲର ନୂତନ ଗୃହ ନିର୍ମାଣ ଦାୟିତ୍ୱ ବ୍ଲକ ପ୍ରଶାସନର। ତେଣୁ ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଦ୍ୟାଳୟ ତରଫରୁ ଆଠମଲ୍ଲିକ ବିଡିଓଙ୍କୁ ଅବଗତ କରାଯାଇଛି।

-ଦାଶରଥି ଶୁଣ୍ଢୀ, ବ୍ଲକ ଶିକ୍ଷା ଅଧିକାରୀ

## ଜାତୀୟ ମାଷ୍ଟର୍ସ ଗେମ୍
# ପ୍ରକାଶଙ୍କୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ




ଅନୁଗୋଳ ଅଫିସ, ୧୬।୫

ବେଙ୍ଗାଲୁରୁର ବିଦ୍ୟାନଗର ଷ୍ଟାଡିୟମଠାରେ ଆୟୋଜିତ ପ୍ରଥମ ପାନ୍ ଇଣ୍ଡିଆ ଜାତୀୟ ମାଷ୍ଟର୍ସ ଗେମ୍‌ରେ ଅନୁଗୋଳର ପ୍ରକାଶ କୁମାର ଗଡ଼ନାୟକଙ୍କୁ ସଫଳତା ମିଳିଛି। ସେ ଏହି ଗେମ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ସହ ୧ଟି ରୌପ୍ୟ ପଦକ ଜିତି ରାଜ୍ୟ ତଥା ଅନୁଗୋଳ ପାଇଁ ଗୌରବ ଆଣିଛନ୍ତି। ଅନ୍ତର୍ଜାତୀୟ ଖେଳାଳି ପ୍ରକାଶ ୧୦୦ ମିଟର ଦୌଡ଼ରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ସହ ୨ଶହ ମିଟର ଦୌଡ଼ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଜିତିଛନ୍ତି। ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଥିଲା। ଏହି ପଦକ ବିଜୟୀ ହେବା ପରେ ପ୍ରକାଶଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

# ଯୋଗ ପ୍ରଶିକ୍ଷଣ ଶିବିର

ଅନୁଗୋଳ ଅଫିସ,୧୬।୫

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ଦ୍ରୌପଦୀ ପଟେଲଙ୍କ ନିମନ୍ତ୍ରଣକ୍ରମେ ପତଞ୍ଜଳି ଯୋଗ ସମିତି ଜିଲା ଅଧକ୍ଷ ଯୋଗାଚାର୍ଯ୍ୟ ଅଭୟ ରାୟଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଶିବିରଟି ପରିଚାଳିତ ହୋଇଥିଲା। ଏଥିରେ ଶିବିରାର୍ଥୀମାନଙ୍କୁ ବିଭିନ୍ନ ଯୋଗ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଦିଲୀପ ପ୍ରଧାନ ଶିବିର ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ମହାନ୍ତି ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରଶିକ୍ଷଣ ଶିବିରରେ ଯୋଗ ଶିକ୍ଷା ଦିଆଯାଉଛି।

# ବିଭିନ୍ନ ସ୍ଥାନରେ ଅଗ୍ନି ନିରାପତ୍ତା ଯାଞ୍ଚ

ଅନୁଗୋଳ ଅଫିସ, ୧୬।୫

ଅନୁଗୋଳ ସହର ତଥା ବିଭିନ୍ନ ଅଞ୍ଚଳରେ ଭଳିକି ଭଳି ମଲ୍, ଶୋ'ରୁମ୍ ମୁଣ୍ଡ ଟେକିଛି। କିନ୍ତୁ ଏସବୁ ମଧ୍ୟରୁ ଅନେକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କେତେକ ସ୍ଥାନରେ ଥିବା ଅଗ୍ନି ନିରାପତ୍ତା ଯନ୍ତ୍ରାଂଶ କେବଳ ନାମକୁ ମାତ୍ର ରହିଛି। ସୋମବାର ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ଯାଞ୍ଚ ବେଳେ ଏହି ଚିତ୍ର ପଦାକୁ ଆସିଛି।

ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରଥମେ ସହରର ୩ଟି ବଡ଼ ମଲ୍ ସହ ଗୋଟିଏ ମୋଟରସାଇକେଲ ଶୋ'ରୁମ୍‌ରେ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୨ଟି ମଲ୍ ଓ ଗୋଟିଏ ଶୋ'ରୁମ୍‌ରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ରହିଥିଲା। କିନ୍ତୁ ଗୋଟିଏ ମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଜଣାପଡ଼ିଛି। ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ନୋଟିସ କରାଯିବା ସହ ତୁରନ୍ତ ପ୍ରମାଣପତ୍ର ଆବେଦନ କରିବାକୁ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଗତ କିଛିଦିନ ହେଲା ଅଗ୍ନିଶମ ବିଭାଗ ପକ୍ଷରୁ କରାଯାଉଥିବା ଯାଞ୍ଚରୁ ବହୁ ଅନିୟମିତତା ପଦାକୁ ଆସିଛି। ଜିଲାର ଅନେକ ବ୍ୟବସାୟିକ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାବେଳେ ପ୍ରମାଣପତ୍ର ମଧ୍ୟ ନ ଥିବା ଦେଖାଯାଇଛି। ଏଭଳି ସ୍ଥଳେ ଯଦି କୌଣସି ଅଘଟଣ ଘଟେ, ତେବେ ଧନଜୀବନ ହାନି ହେବା ସମ୍ଭାବନା ରହିଛି। ଏହି ଯାଞ୍ଚ ସମୟରେ ଅଗ୍ନିଶମ ବିଭାଗର ଅନୁଗୋଳ ମୁଖ୍ୟ ପ୍ରଶାନ୍ତ କୁମାର ଧଳଙ୍କ ସହ ରଶ୍ମିକାନ୍ତ ବରାଳ, କ୍ରୀତିରଞ୍ଜନ ବେହେରା, ପ୍ରତାପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିବା ମଲ୍‌କୁ ନୋଟିସ୍ ପ୍ରଦାନ କରାଯାଇଛି। ୧୫ ଦିନ ମଧ୍ୟରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ସହ ଯନ୍ତ୍ରାଂଶ ମରାମତି ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିବା ଜିଲା ଅଗ୍ନିଶମ ବିଭାଗ ମୁଖ୍ୟ ଧଳ ସୂଚନା ପ୍ରଦାନ କରିଛନ୍ତି।


ଶପିଂ ମଲରେ ଅଗ୍ନିଶମ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

# ଭୀମ ଭୋଇ ଥିଲେ ଶ୍ରେଷ୍ଠ ମାନବବାଦୀ

ବଇଣ୍ଡା,୧୬।୫(ଡି.ଏନ.ଏ)

ଭୀମଭୋଇ ଥିଲେ ଜଣେ ଶ୍ରେଷ୍ଠ ମାନବବାଦୀ। ବିପ୍ଳବୀ କବି ଭାବେ ସେ ସାରା ଓଡ଼ିଶାରେ ପରିଚିତ ଥିଲେ ବୋଲି ସୋମବାର କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସନ୍ଥ କବିଙ୍କ ଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ମୁଖ୍ୟଅତିଥି ଭାବେ ମହିମା ଧର୍ମର ପ୍ରଚାରକ ତଥା ଶିକ୍ଷାବିତ୍ ଖଗେଶ୍ୱର ସାହୁ, ଅନ୍ୟତମ ଅତିଥି ଭାବେ ଝରାବେରେଣୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଣଜିତ ସାହୁ, ଜଏରାଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ପ୍ରଧାନ, କଦଳୀମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ପ୍ରଧାନ, ଶିକ୍ଷକ କୁଳମଣି ମେହେର, ସୁଦାମ ଚରଣ ପ୍ରଧାନ, ଅଧ୍ୟାପିକା ବୀଣାପାଣି ସାହୁ ଯୋଗଦେଇ ଭୀମଭୋଇଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ସଂଯୋଜନା କରିଥିଲେ। ଅଧ୍ୟାପକ ତରଣୀ ସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୬।୫(ଡି.ଏନ.ଏ)

ଆଠମଲ୍ଲିକ ଥାନା ପୁରୁଣାଗଡ ଗ୍ରାମର ରାମେଶ୍ୱର କ୍ଷେତିଙ୍କୁ ରାମେଶ୍ୱର ପାଟଣା ଗ୍ରାମର ବ୍ରଜମୋହନ କ୍ଷେତି ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୧୧/୨୨ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ରାମେଶ୍ୱର ଘରେ ଥିବାବେଳେ ବ୍ରଜମୋହନ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ବ୍ରଜମୋହନଙ୍କ ସ୍ତ୍ରୀ ଏକ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେ ଦର୍ଶାଇଛନ୍ତି, ତାଙ୍କ ସ୍ୱାମୀଙ୍କ ସମ୍ମୁଖରେ ବିନାକାରଣରେ ରାମେଶ୍ୱର ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନମ୍ବର ୧୧୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବୁଦ୍ଧ ଗାର୍ଡେନ ଉଦ୍‌ଘାଟିତ


ବିଦ୍ୟାଳୟ ପରିସରରେ ଥିବା ପାର୍କକୁ ଉଦ୍‌ଘାଟନ କରାଯାଉଛି।

ବନ୍ତଳା,୧୬।୫(ଡି.ଏନ.ଏ)

ଅନୁଗୋଳ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ସୋମବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ନବୋଦୟ ବିଦ୍ୟାଳୟ ସମିତି କ୍ଷେତ୍ରୀୟ କାର୍ଯ୍ୟାଳୟ ଭୋପାଳର ଆସିଷ୍ଟାଣ୍ଟ କମିଶନର ନୀଲମ ପାଣି ଯୋଗଦେଇ ବିଦ୍ୟାଳୟର ବୁଦ୍ଧ ଗାର୍ଡେନକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସମୟରେ ବୁଦ୍ଧଙ୍କ ବାଣୀ ଓ ଆଦର୍ଶକୁ ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି ପାଣି ମତପ୍ରକାଶ କରିଥିଲେ। ବିଦ୍ୟାଳୟର ସ୍ୱଚ୍ଛତା, ବଗିଚା ଓ ସୌନ୍ଦର୍ଯ୍ୟକରଣ ଦେଖି ସେ ପ୍ରଂଶସା କରିଥିଲେ। ସମସ୍ତେ ମିଳିମିଶି ବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟକରିବାକୁ ସେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଅଧ୍ୟାପିକା ଶାରଦାମଣି ଶତପଥୀ ଧନ୍ୟବାଦ ଦେଇଥିଲେ।

# ଜନସମାବେଶ ସଫଳ କରିବାକୁ ଆହ୍ୱାନ

ଅନୁଗୋଳ ଅଫିସ,୧୬।୫

ଅନୁଗୋଳ ସହର ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ପଞ୍ଚମହଲା (ଆର୍‌ଟିଓ ଅଫିସ)ଠାରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଏବଂ ଜିଲାବାସୀଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଣ ଦାବିରେ ଆସନ୍ତା ୧୭ ତାରିଖ ମଙ୍ଗଳବାର ତୁରଙ୍ଗର ଦୁର୍ଗା ବିହାରଠାରେ ଜନସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶକୁ ସଫଳ କରିବା ପାଇଁ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅନ୍ୟତମ ଆବାହକ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ବରିଷ୍ଠ ନାଗରିକ ଦାମୋଦର ଦାସ, ତ୍ରେତାନନ୍ଦ ସାମନ୍ତ, ନିରୋଦ ପାଳ, ଅଶୋକ ପ୍ରଧାନ, ବଳରାମ ବେହେରା, ତୀର୍ଥବାସୀ ଭୋଇ, ରମେଶ ଚନ୍ଦ୍ର ସାହୁ, ତ୍ରିଲୋଚନ ଜେନା, ମାନସ ପାଳ, ସୁବାସ ପ୍ରଧାନ, ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇ ଜନସମାବେଶ ସଫଳ ପାଇଁ ମତପ୍ରକାଶ କରିଥିଲେ। ଜନ ସମାବେଶରେ ଜିଲାର ବୁଦ୍ଧିଜୀବୀ, ସଚେତନ ନାଗରିକ, ଶିକ୍ଷାବିତ୍, ସାମାଜିକ କର୍ମୀ, ବିଭିନ୍ନ ଗଣ ସଂଗଠନ ଓ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଜିଲାର ନ୍ୟାଯ୍ୟ ଦାବି ଉପସ୍ଥାପନ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।


ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ମିମ୍‌ସାର କାର୍ଯ୍ୟକ୍ଷମ ପ୍ରତିଶ୍ରୁତି ଧୂଆଁବାଣ ନ ହେଉ

ତାଳଚେର,୧୬।୫(ନି.ପ୍ର.)

ତାଳଚେର ମେଡିକାଲ କଲେଜ ବା ମହାନଦୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ମିମ୍‌ସାର) କାର୍ଯ୍ୟକ୍ଷମ ପ୍ରତିଶ୍ରୁତି ଏକ ଧୂଆଁ ବାଣ ନ ହେଉ। ହାଟତୋଟାସ୍ଥିତ ପ୍ରେସ୍ କ୍ଲବଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ତାଳଚେର ମେଡିକାଲ କଲେଜ ସଂଘର୍ଷ ସମିତି ଆବାହକ ଶରତ ଚନ୍ଦ୍ର ପ୍ରଧାନ ଏହା କହିଛନ୍ତି। ପ୍ରଧାନ କହିଛନ୍ତି, ତାଳଚେରରୁ କେନ୍ଦ୍ର ସରକାର ବାର୍ଷିକ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। ଏହା ତୁଳନାରେ କୌଣସି ପ୍ରକାର ବିକାଶ ମୂଳକ ଯୋଜନା ଏ ଅଞ୍ଚଳରେ କରାଯାଇ ନାହିଁ। ପ୍ରଦୂଷଣ ତାଳଚେର ବାୟୁମଣ୍ଡଳକୁ ବିଷାକ୍ତ କରିସାରିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଓ ପାନୀୟ ଜଳର ଉତ୍କଟ ଅଭାବ ଦେଖା ଦେଇଛି। ଏମ୍‌ସିଏଲ୍ ପକ୍ଷରୁ ନିର୍ମାଣ କରାଯାଇଥିବା ମେଡିକାଲ କଲେଜକୁ ବାରମ୍ବାର ଦାବି ପରେ ରାଜ୍ୟ ସରକାର ପରିଚାଳନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ସରକାରଙ୍କୁ ଧନ୍ୟବାଦ। କିନ୍ତୁ ପ୍ରତିଶ୍ରୁତି ଧୂଆଁବାଣ ନ ହେଉ। ଏହା ଯଥାଶୀଘ୍ର କାର୍ଯ୍ୟକାରୀ ହେଉ। ଏହି ମେଡିକାଲ କଲେଜ ତାଳଚେରବାସୀଙ୍କ ଅନେକ ସମସ୍ୟା ସମାଧାନର ଉତ୍ସ। ତେଣୁ ଏହା କାର୍ଯ୍ୟକ୍ଷମ ସହ ତାଳଚେରକୁ ସମସ୍ତ ଟ୍ରେନ୍ ଆସିବା, ବିମଳାଗଡ ରେଳ ଲାଇନ ଶୀଘ୍ର ସମ୍ପୂର୍ଣ୍ଣ କରିବା, ଏକ ନୂଆ ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଖୋଲିବା, ଟିଟିପିଏସ୍ ଉଚ୍ଛେଦରେ ୩ଟି ଡିଏଭି ସ୍କୁଲ୍‌କୁ ବନ୍ଦ ନ କରିବା ଏବଂ ତାଳଚେର ଜମିହରା ପ୍ରଜାଙ୍କ ଥଇଥାନ ଆଦି ଦାବିଗୁଡିକ କିଭଳି କାର୍ଯ୍ୟକାରୀ ହେବ ସେ ଦିଗରେ ସରକାର ପଦକ୍ଷେପ ନେବାକୁ ପ୍ରଧାନ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ଜ୍ଞାନ ରଞ୍ଜନ ପାଣି, ବୀରବର ସାହୁ, ଶ୍ରୀନିବାସ ସାହୁ, ଦୁର୍ଗାଚରଣ ସାହୁଙ୍କ ସମେତ ଡାକ୍ତର ମହାନ୍ତି ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ମେଡିକାଲ କଲେଜ ସଂଘର୍ଷ ସମିତିର ଖବରଦାତା ସମ୍ମିଳନୀ**

